# Akashvani, Sambalpur

# SAMBALPURI NEWS MORNING BULLETIN

# 3 August 2026 - 6.47- 6.52 am.

---

ରାଷ୍ଟ୍ରପତି- ଓଡ଼ିଶା ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୩ ଦିନିଆ ଓଡ଼ିଶା ଗସ୍ତଥି ଆସିକରି ଆଏଜ୍ ଉପର୍‌ବେଲା ଭୁବ୍‌ନେଶ୍ୱର୍ ନ ପୁହୁଁଚିବେ । କଟକ୍ ନ ଜଗତ୍‌ଗୁରୁ କୃପାଲୁ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବ୍‌ଥି ରାଷ୍ଟ୍ରପତି ଆଏଜ୍ ଉପର୍‌ବେଲା ଯୋଗ୍ ଦେବାର୍ କାର୍ଯ୍ୟସୂଚୀ ରହିଛେ । ଆଏବାକାଏଲ୍ ରାଷ୍ଟ୍ରପତି ସଖାଲ୍‌ବେଲା ଭୁବ୍‌ନେଶ୍ୱର୍‌ନୁ ବ୍ରହ୍ମପୁର୍‌ତକ୍ ଟ୍ରେନ୍‌ଥି ଯିବେ ଆଉ ବ୍ରହ୍ମପୁର୍ ତପ୍ତପାଣି ନ ମା କନ୍ଧୁଣୀ ଦେବୀ ମନ୍ଦିର୍ ଆଉ ଶିବମନ୍ଦିର୍ ନ ପୂଜାର୍ଚ୍ଚନା କର୍‌ବେ । ରାଷ୍ଟ୍ରପତିଙ୍କର୍ ଗସ୍ତକେ ନଜର୍‌ଥି ରଖିକରି ଭୁବ୍‌ନେଶ୍ୱର୍, କଟକ୍ ଆଉ ବ୍ରହ୍ମପୁର୍ ନ ବ୍ୟାପକ୍ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍

ଚରଣ୍ ମାଝୀ, ରାଷ୍ଟ୍ରପତିଙ୍କର୍ ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବେ ବଲି ସୂଚ୍ନା ମିଲିଛେ ।

ଶ୍ରାବଣ୍ ସୋମ୍ବାର୍        ଆର୍ଏନ୍ୟୁ/ ସମ୍ବଲପୁର

ଶ୍ରାବଣ୍ ମାସର୍ ପହେଲା ସୋମ୍ବାର୍ ଦିନେ ଆଏଜ୍ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଶିବ ମନ୍ଦିର୍ ମାନ୍କେ ଭକ୍ତମାନ୍କର୍ ଭିଡ଼୍ ଲାଗି ରହିଛେ । ପହପହନୁ ଭକ୍ତମାନେ ଶିବମନ୍ଦିର୍ ମାନ୍କେ ପାଏନ୍ ଢାଲିକରି ଭଗବାନ୍ ଶିବଙ୍କର୍ ଦର୍ଶନ୍ କରୁଛନ୍ ।

ଇ ଅବ୍ସରେ ସମ୍ବଲ୍ପୁର୍ ଜିଲ୍ଲାର୍ ହୁମା, ମାନେଶ୍ୱର୍, ମୁକ୍ତେଶ୍ୱର୍, କନ୍ତେଶ୍ୱର୍ ଶିବ ମନ୍ଦିର୍ ସହେତେ ସହରର୍ ବାଲିବନ୍ଧା, ବୁଢ଼ାରଜା, ଦୁର୍ଗାପାଲି, ଝାଡୁଆପଡ଼ା, ନନ୍ଦପଡ଼ା, ମୁଦିପଡ଼ା ଆଉ ବାକି ସବୁ ଶିବମନ୍ଦିର୍ ମାନ୍କେ ଦର୍ଶନ୍ କରିକରି ଭକ୍ତମାନେ ପାଏନ୍ ଚଢ଼ଉଛନ୍ ।

କଟକ୍ ଗଡ଼ଗଡ଼ିଆ ଘାଟେ ପାଏନ୍ ଢାଲ୍ବାର୍ ଲାଗି କାଉଡ଼ିଆମାନ୍କର୍ ଭିଡ଼୍ ଦେଖ୍ବାର୍କେ ମିଲିଛେ । ଭୁବ୍ନେଶ୍ୱର୍ ଲିଙ୍ଗରାଜ୍ ମନ୍ଦିର୍, ଭଦ୍ରକ୍ ଆଖଣ୍ଡଳମଣି, ନୟାଗଡ଼୍ ଲଡୁବାବା,

ଢେଙ୍କାନାଲ୍‌ର କପିଳାସ, କଟକ୍‌ର ବାବା ଧବଳେଶ୍ୱର, ପୁରୀ ଲୋକ୍‌ନାଥ୍ ମନ୍ଦିର୍, ବାଲେଶ୍ୱର୍‌ର ବାବା ପଂଚମହାଲିଙ୍ଗେଶ୍ୱର, କୋରାପୁଟ୍‌ର ଗୁପ୍ତେଶ୍ୱର୍ ମନ୍ଦିର୍ ସହେତେ ରାଜ୍ୟର୍ ସବୁ ମହାଦେବ୍ ଗୁଡ଼ି ମାନ୍‌କେ ଶ୍ରଦ୍ଧାଲୁମାନ୍‌କର୍ ଭିଡ୍‌କେ ନଜର୍‌ଥି ରଖିକରି ସୁରକ୍ଷା ବ୍ୟବସ୍ଥାକେ କଡ଼ାକଡ଼ି କରାଯାଇଛେ ।

ବନ୍ୟା ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଲ୍‌ତି ବଛର୍ ବନ୍ୟାଥି ୨୨ ଟା ଜିଲ୍ଲା ନ ୮ ଲାଖ୍ ନୁ ଅଏତ୍‌କା ଲୋକ୍ ପ୍ରଭାବିତ୍ ହେଇଛନ୍ । ବାଲେଶ୍ୱର୍, ଭଦ୍ରକ, ଯାଜ୍‌ପୁର୍, ଜିଲ୍ଲା ନ ସବୁନୁ ଅଏତ୍‌କା ପ୍ରଭାବିତ୍ ହେଇଥିବାର୍ ବେଲେ ପୁରୀ, ଜଗତ୍‌ସିଂହପୁର୍, ଖୋର୍ଦ୍ଧା ଆଉ କଟକ୍‌ର କେତେଟା ଇଲାକା ପ୍ରଭାବିତ୍ ହେଇଛେ । ସେଥିର୍‌ଲାଗି ସବୁ କ୍ଷତିଗ୍ରସ୍ତ ମାନ୍‌କୁ ଯେନ୍ତା ତୁର୍‌ତି ନୁକ୍‌ସାନ୍‌ର ଭର୍‌ନା ମିଲ୍‌ବା, ସେଥିର୍‌ଲାଗି କ୍ଷେତ୍ରସ୍ତରୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍‌ନାମା ଦିଆଯାଇଛେ । ବହୁତ୍‌ଟେ ଜାଗା ନ ପାଏନ୍ ଛାଡ଼ିଯାଇଥିବାର୍‌ନୁ ଆଏଜ୍ ଠାନୁ

କ୍ଷୟକ୍ଷତିର୍ ଆକଲନ୍ ମୁଲ୍ ହେବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ ।

ବନ୍ୟା ଉତ୍ରୁ ରାଜ୍ୟର୍ ନଦୀ ବନ୍ଧା ମାନ୍କର୍ ସୁରକ୍ଷା ଆଉ କ୍ଷତିଗ୍ରସ୍ତ ଜାଗା ମାନ୍କର୍ ତୁର୍ତି ପୁନରୁଦ୍ଧାର୍ ଲାଗି ଜଲ୍ସମ୍ପଦ୍ ବିଭାଗ୍ ଯୁଦ୍ଧକାଲୀନ୍ ଭିତିଥି କାମ୍ ମୁଲ୍ କରିଛେ । ବିଭାଗ୍ର ବରିଷ୍ଠ ଯନ୍ତ୍ରୀମାନେ ବଏଡ୍ ଲାଗି ନୁକ୍ସାନ୍ ହେଇଥିବା ଜାଗା ବୁଲିକରି ସ୍ଥିତିର୍ ସମୀକ୍ଷା କରୁଛନ୍ । ସୁନ୍ଦର୍ଗଡ୍ ଜଲ୍ସେଚନ୍ ଡିଭିଜନ୍ ଅଧୀନ୍ଥି କୋପାସିଂହା ଇନ୍ଷ୍ଟ୍ରିମ୍ ଷ୍ଟୋରେଜ୍ ର ଭିଲ୍ ପରିଦର୍ଶନ୍ କରାଯାଇଛେ ।

ନିଟ୍ ପିଜି ଆର୍ଏନ୍ୟୁ/ ସମ୍ବଲପୁର

ସାରାଦେଶେ ନିଟ୍ ପିଜି -୨୦୨୬ ପରୀକ୍ଷାକେ ସ୍ୱଚ୍ଛ, ନିରପେକ୍ଷ ଆଉ ପରୀକ୍ଷାର୍ଥୀମାନ୍କର୍ ଲାଗି ସୁବିଧାଜନକ୍ କର୍ବାର୍କେ କେନ୍ଦ୍ର ସର୍କାର୍ ବ୍ୟାପକ୍ ପରିବର୍ତନ୍ କରିଛନ୍ । ଆଏବା ୩୦ ତାରିଖ୍ ସଖାଲର୍ ୯ ବଜେନୁ ମଏଧାନର୍ ସାଢ଼େ ୧୨ ବଜେତକ୍ ସାରାଦେଶେ ଗୁଟେ ଖେପେ କମ୍ପ୍ୟୁଟର୍ ଭିତିକ୍ ପରୀକ୍ଷା ହେବା ।

ପରୀକ୍ଷାର୍ଥୀମାନ୍‌କୁ ସଖାଲର୍ ୭ ବଜେନୁ ପରୀକ୍ଷା କେନ୍ଦ୍ରମାନ୍‌କେ ପ୍ରବେଶ୍ ଅନୁମତି ମିଲ୍‌ବା ଆଉ ସାଢ଼େ ୮ ବଜେ ପ୍ରବେଶ୍ ଦ୍ୱାର ବନ୍ଦ୍ କରିଦିଆଯିବା । ଇଥର ୨ ଲାଖ୍ ୭୩ ହଜାର୍ ଶହେ ୮୩ ଝନ୍ ପରୀକ୍ଷାର୍ଥୀ ଇ ପରୀକ୍ଷା ଦେବେ । ପାଖାପାଖି ୩ ଶହ ୪୦ ଟା ସହରର୍ ୧୩ ଶହ ନୁ ଅଏତ୍‌କା କେନ୍ଦ୍ର ନ ଇ ପରୀକ୍ଷା ହେବା ବଲି ଜନାପଡ଼ିଛେ ।

ସ୍ନାତକ ପାଠ୍ୟକ୍ରମ୍ ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବନ୍ୟା ସ୍ଥିତିକେ ନଜର୍‌ଥି ରଖିକରି ସର୍‌କାରୀ ବିଶ୍ୱବିଦ୍ୟାଲୟ ଆଉ ସର୍‌କାରୀ ଅନୁଦାନ୍‌ପ୍ରାପ୍ତ, ଅଣଅନୁଦାନ୍‌ପ୍ରାପ୍ତ ଡିଗ୍ରୀ କଲେଜ୍ ଆଉ ଆଇନ୍ କଲେଜ୍‌ର ସ୍ନାତକ ପାଠ୍ୟକ୍ରମ୍ ନାଁଲେଖା ସମିଆକେ ବଦ୍‌ଲାଯାଇଛେ । ୩ ନମ୍ବର୍ ଆଉ ଶେଷ୍ ଖେପ୍ ନାଁଲେଖା ଲାଗି ଯୋଗ୍ୟ ଛାତ୍ରଛାତ୍ରୀମାନେ ଆଏବା ୫ ତାରିଖ୍‌ତକ୍ ଶିକ୍ଷାନୁଷ୍ଠାନ୍‌ମାନ୍‌କେ ରିପୋର୍ଟିଂ କରିପାର୍‌ବେ । ୱେଟିଂ ଲିଷ୍ଟ୍‌ଥି ଥିବା ଛାତ୍ରଛାତ୍ରୀମାନ୍‌କର୍ ତାଲିକା ଆଏବା ୮ ତାରିଖ୍ ଦିନ ବାହାର୍‌ବା । ଅଗଷ୍ଟ୍ ୧୦ ଆଉ ୧୧ ତାରିଖ୍ ଦିନ ଇ

ଛାତ୍ରଛାତ୍ରୀମାନେ ନିଜର୍ ସବୁ ଦସ୍ତାବିଜ୍ ସହେତେ କମନ୍ ଆପ୍ଲିକେସନ୍ ଫର୍ମ ଉଚ୍ଚଶିକ୍ଷାନୁଷ୍ଠାନ୍‌ନୁ ଦାଖଲ୍ କରିକରି ନାଁଲେଖେଇପାର୍‌ବେ । ଯେନ୍‌ମାନେ ଇ ପ୍ରକ୍ରିୟାଥି ଆବେଦନ୍ କରିଥିବେ ସେମାନ୍‌କର୍ ଲାଗି ଆଏବା ୧୨ ତାରିଖ୍ ଶିକ୍ଷାନୁଷ୍ଠାନ୍ ବୋର୍ଡ୍ ଆଉ ୱେବ୍‌ସାଇଟ୍‌ଥି ମେଧା ତାଲିକା ବାହାର୍‌ବା ବଲି ଉଚ୍ଚଶିକ୍ଷା ତର୍‌ଫୁ ବିଜ୍ଞପ୍ତିଥି କୁହାଯାଇଛେ ।

ନିଶାମୁକ୍ତ ଯୁବା ଭାରତ୍-ସମ୍ବଲ୍‌ପୁର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଯୁବ ବ୍ୟାପାର୍ ଆଉ କ୍ରୀଡ଼ା ମନ୍ତ୍ରଣାଳୟ ଆଉ ମେରା ଯୁବା ଭାରତ୍ ତର୍‌ଫୁ ମୂଲ୍ ହେଇଥିବା ନିଶାମୁକ୍ତ ଯୁବା ଫର୍ ବିକଶିତ୍ ଭାରତ୍ ଅଭିଯାନ୍ ଆଇଆଇଏମ୍ ସମ୍ବଲ୍‌ପୁର୍ ଠାନେ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଅନୁଷ୍ଠାନ୍ ତର୍‌ଫୁ ନିଶାମୁକ୍ତ ଭାରତ୍ ଗଠନ୍ ଆଉ ୨୦୪୭ ତକ୍ ବିକଶିତ୍ ଭାରତ୍ ସପନ୍ ପୁରା ହେବାର୍ ଦିଗେ ଶପଥ୍ ପାଠ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଅନୁଷ୍ଠାନ୍‌ର ଛାତ୍ରଛାତ୍ରୀ, ଅଧ୍ୟାପକ ଆଉ କର୍ମଚାରୀମାନେ ଯୋଗ୍ ଦେଇକରି ନିଶା ଦରବ୍ ଖାଏବାର୍ କୁପ୍ରଭାବ୍ ବାବ୍‌ଦେ ସଚେତନତା ସୃଷ୍ଟି

ସହେତେ ସୁସ୍ଥ, ଦାୟିତ୍ୱବାନ୍ ଆଉ ନିଶାମୁକ୍ତ ଜୀବନ୍‌ଶୈଲୀ ଅପ୍‌ନାବାର୍ ଲାଗି ଭିଲ୍ ଶପଥ୍ ନେଇଥିଲେ ।

ହର ଘର ତ୍ରିରଙ୍ଗା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ୍ ପାଲନ୍ ଲାଗି ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଇ ଅଭିଯାନ୍‌ଥି ଜିଲ୍ଲାର୍ ସବୁ ଶିକ୍ଷାନୁଷ୍ଠାନ୍ ଆଉ ଛକ୍‌ଜାଗାମାନ୍‌କେ ବିକାଶ୍ ଯାତ୍ରା, ପ୍ରଦର୍ଶନୀ ଆଉ ସଚେତନତା କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ ଲାଗି ନିଷ୍ପତି ହେଇଛେ ।

ଆଇନ୍ ସଚେତନତା ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍ ତର୍‌ଫୁ କୋଟେଂଚୁଆ ସର୍‌କାରୀ ଉଚ୍ଚବିଦ୍ୟାଲୟ ନ କାମ୍ କଲା ଜାଗା ମାନ୍‌କେ ମହିଳାମାନ୍‌କର୍ ଯୌନ ଉତ୍ପୀଡ଼ନ୍ ନିରାକରଣ୍, ଅନୁସୂଚିତ ଜାତି ଆଉ ଜନଜାତି ଆଇନ୍ ବାବଦ୍ ସଚେତନତା ଶିବିର ହେଇଯାଇଛେ । ପ୍ରାଧିକରଣ୍‌ର ସଚିବ ନବନିତା ଦାସ କାର୍ଯ୍ୟକ୍ରମ୍‌ଥି

ଯୋଗ୍ ଦେଇକରି ଆଇନ୍‌ର ସଫଳତା ବାବ୍‌ଦେ ଆଲୋଚନା କରିଥିଲେ ।